## ସରକାରୀ ଓକିଲଙ୍କ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

**● ଲୁଟିନେଲେ ୬ ଭରି ସୁନା ଅଳଙ୍କାର**

ବ୍ରହ୍ମପୁର,୧୪।୭(ସମିସ): ଜଣେ ପିପିଙ୍କ ଘରେ ପଶି ଦୁର୍ବୃତ୍ତମାନେ କଳାକନା ବୁଲାଇଛନ୍ତି। ୬ ଭରି ସୁନା ଓ ରୂପା ଅଳଙ୍କାର ଲୁଟି ନେଇଥିବା ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ସ୍ଥାନୀୟ ଖୋଡ଼ାସିଙ୍ଗ ହନୁମାନ ନଗରରେ ପିପି ସୌଭାଗ୍ୟ କୁମାର ମିଶ୍ର ରୁହନ୍ତି। ପ୍ରତିଦିନ ଭଳି ଆଜି ମଧ୍ୟ ସେ ସକାଳ ସାଢ଼େ ୧୦ଟାରେ କୋର୍ଟକୁ ବାହାରିଥିଲେ। ଗଲା ବେଳେ ଉପର ମହଲାରେ ତାଙ୍କ ମା' ଓ ସ୍ତ୍ରୀ ଥିଲେ। ମଧ୍ୟାହ୍ନ ପ୍ରାୟ ୧୨ଟାରେ ତାଙ୍କ ସ୍ତ୍ରୀ ତଳ ମହଲାକୁ ଆସି ଦେଖିବାବେଳେ ଘର ଭିତରେ ଥିବା ଆଲମିରା ଖୋଲା ରହିବା ସହ ଆସବାବପତ୍ର ଏଣେତେଣେ ପଡିଥିବା ଦେଖିବାକୁ ପାଇଥିଲେ। ଏହାଦେଖି ସେ ତୁରନ୍ତ ସ୍ୱାମୀଙ୍କୁ ଫୋନ ଯୋଗେ ଘଟଣା ସମ୍ପର୍କରେ ଜଣାଥିଲେ। ଖବର ପାଇ ସ୍ୱାମୀ ଘରେ ପହଞ୍ଚି ଆଲମାରୀ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଆଲମିରା ଲକର ଭିତରେ ଥିବା ନଗଦ ୧୦ହଜାର, ଗୋଟିଏ ଦାମୀ ହାତଘଣ୍ଟା, ୧୦୦ଗ୍ରାମ ରୁପା ଓ ପ୍ରାୟ ୫ଭରି ସୁନା ଅଳଙ୍କାର ଚୋରି ହୋଇଥିବା ଜଣାପଡିଥିଲା। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ସିସିଟିଭି ଫୁଟେଜ ଯାଞ୍ଚ କରିଛି। ସିସିଟିଭିରେ ଦୁର୍ବୃତ୍ତଙ୍କ ଫଟୋ କଏଦ ହୋଇଛି। ସେହି ସିସିଟିଭି ଫୁଟେଜକୁ ଆଧାର କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିବାକୁ ତଦନ୍ତ ଜାରି ରଖିଛି।

**● ପ୍ରିୟା ହତ୍ୟା ଘଟଣା**

## ବିଜିପୁର ପୋଖରୀରେ ମୋବାଇଲ୍ ଖୋଜୁଛି ଅଗ୍ନିଶମ ବାହିନୀ

ବ୍ରହ୍ମପୁର,୧୪।୭(ସମିସ): ଗତ ୧ତାରିଖରେ ସ୍ଥାନୀୟ ନୂଆ ବସଷ୍ଟାଣ୍ଡ ସ୍ଥିତ ପୁଷ୍ପାଞ୍ଜଳି ଗେଷ୍ଟ ହାଉସରେ ପ୍ରେମିକା ପ୍ରିୟା ମହାରଣାଙ୍କୁ ନିର୍ମମ ଭାବେ ହତ୍ୟା କରିବା ପରେ ଅଭିଯୁକ୍ତ ପ୍ରେମିକ ଅଭୟ କୁମାର ମହାରଣା ପ୍ରମାଣ ନଷ୍ଟ କରିବାକୁ ପ୍ରିୟାଙ୍କ ମୋବାଇଲ ଓ ନିଜ ମୋବାଇଲକୁ ବିଜିପୁର ପୋଖରୀରେ ଫିଙ୍ଗି ଦେଇଥିଲା। ପୁଲିସ ଅଭିଯୁକ୍ତ ଅଭୟକୁ ଗିରଫ ବେଳେ ଉକ୍ତ ପୋଖରୀରୁ ଅଭୟଙ୍କ ମୋବାଇଲ ଉଦ୍ଧାର କରିଥିଲା। ଏବେ ପୁଣି ଅଗ୍ନିଶମ ବିଭାଗ କର୍ମଚାରୀମାନେ ମୃତ ପ୍ରିୟାଙ୍କ ମୋବାଇଲ ବିଜିପୁର ପୋଖରୀରେ ଖୋଜୁଛନ୍ତି। ଦୀର୍ଘ ସମୟ ପୋଖରୀରେ ଖୋଜିଥିଲେ ହେଁ ମୋବାଇଲ ପାଇନଥିଲେ। ଅଭିଯୁକ୍ତ ଅଭୟ ପ୍ରେମିକା ପ୍ରିୟାର ଅନ୍ୟତ୍ର ବିବାହ ଯୋଜନାକୁ ନେଇ ରାଗରେ ଅଭୟ ହତ୍ୟା କରିଥିବା ନେଇ ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି।



# ସୌମ୍ୟାଶ୍ରୀ ମୃତ୍ୟୁକୁ ନେଇ ଗର୍ଜିଲେ ଯୁବ-ଛାତ୍ର ସଂଗଠନ













ବ୍ରହ୍ମପୁର,୧୫।୭(ସମିସ)

**● ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ**
**● ବିଜେଡି ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଶୋଭାଯାତ୍ରା ଓ ରଣହୁଙ୍କାର**
**● ଯୁବ କଂଗ୍ରେସ ପକ୍ଷରୁ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ**
**● ଏସ୍ଏଫ୍ଆଇ, ଏଆଇଡିଏସ୍ଓ ଏବଂ ଡିୱାଇଏଫ୍ଆଇ ପକ୍ଷରୁ ପ୍ରତିବାଦ**

ନ୍ୟାୟ ପାଇଁ ଆତ୍ମାହୁତି ଦେଇଥିବା ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ପ୍ରତି ରାଜ୍ୟ ସରକାର କରିଥିବା ଅନ୍ୟାୟ ପ୍ରତିବାଦରେ ସମଗ୍ର ରାଜ୍ୟରେ ନିଆଁ ଜଳୁଛି। ରାଜ୍ୟବ୍ୟାପୀ ବିଭିନ୍ନ ରାଜନୈତିକ ଦଳର ଯୁବ ଓ ଛାତ୍ର ସଙ୍ଗଠନମାନଙ୍କ ପକ୍ଷରୁ ଭିନ୍ନଭିନ୍ନ ପ୍ରକାରର ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯାଇଛି। ଏହିକ୍ରମରେ ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ କରାଯାଇଛି। ଏଠାରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ ସହ ସରକାରଙ୍କ ବିରୁଦ୍ଧରେ ରଣହୁଙ୍କାର ଦିଆଯାଇଛି। ସରକାରଙ୍କ ଦାୟିତ୍ୱହୀନତା ଓ ଆନୁଷ୍ଠାନିକ ଅବହେଳାରୁ ସୌମ୍ୟାଶ୍ରୀଙ୍କ ଜୀବନ ଚାଲିଯାଇଥିବା ଏଠାରେ କୁହାଯାଇଛି। ବିକ୍ଷୋଭରେ ଯୁବ ସଭାପତି ଅଜିତ କୁମାର ପଣ୍ଡା, ଛାତ୍ର ଜୋନ ସଭାପତି ଜ୍ୟୋତି ରଞ୍ଜନ ସାହୁ, ଛାତ୍ରସଭାପତି ଶୋଭନ କୁମାର ନାୟକ, କର୍ପୋରେଟର ଦୁର୍ଗା କୁମାର ଲାୟକ, ସୂର୍ଯ୍ୟକାନ୍ତ ସୁବୁଦ୍ଧି, ମଧୁସୂଦନ ସାହୁ, ମଦନ ଦଳେଇଙ୍କ ସମେତ ବହୁ ଯୁବ ଓ ଛାତ୍ର କର୍ମକର୍ତ୍ତା ଉପସ୍ଥିତ ଥିଲେ।

ସେହିଭଳି ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ଅଧ୍ୟକ୍ଷ ବିକାଶ ନାୟକଙ୍କ ନେତୃତ୍ୱରେ ବିକ୍ଷୋଭ ଓ ପ୍ରତିବାଦ ସଭାର ଆୟୋଜନ କରାଯାଇଥିଲା। ପରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। କାର୍ଯ୍ୟକ୍ରମରେ ନରେଶ ଘଡ଼େଇ, ଅତିଶ ଘଡ଼େଇ, ଜିତେନ୍ଦ୍ର ଘଡ଼େଇ, ନୀଳମାଧବ ସାହୁ, ରୁଦ୍ରମାଧବ ଖଟୁଆ ଓ ବହୁ ସଂଖ୍ୟାରେ ଯୁବ ଓ ଛାତ୍ର କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

ସେହିପରି ଏଆଇଡିଏସଓ ପକ୍ଷରୁ ସ୍ଥାନୀୟ ଶଶୀଭୂଷଣ ରଥ ସରକାରୀ ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଜ୍ୟରେ ଦିନକୁ ଦିନ ମହିଳାଙ୍କ ପ୍ରତି ବଢ଼ି ଚାଲିଥିବା ନିର୍ଯାତନା ଓ ହିଂସା ଘଟଣାକୁ ନିନ୍ଦା କରାଯାଇ ନାରୀ ସୁରକ୍ଷାକୁ ନେଇ ଆସନ୍ତା ୨୩ତାରିଖରେ ଭୁବନେଶ୍ୱର ଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ଛାତ୍ର ବିକ୍ଷୋଭରେ ଛାତ୍ରଛାତ୍ରୀଙ୍କୁ ଯୋଗଦେବାକୁ ଆହ୍ୱାନ ଦିଆଯାଇଥିଲା। ଏଥିରେ ସଙ୍ଗଠନର ଗଞ୍ଜାମ ଜିଲ୍ଲା ସଭାପତି ନିମାଇଁ ଚରଣ ସାହୁ, କୋଷାଧ୍ୟକ୍ଷ କିସାନ କୁମାର ସାହୁ, ଜିଲ୍ଲା କମିଟି ସଭ୍ୟା ଶୁଭସ୍ମିତା ପାଣିଗ୍ରାହୀ ଓ ସଭ୍ୟ ବାମିଆ ଉଗ୍ରାସାଣ୍ଡି ନେତୃତ୍ୱ ନେଇଥିଲେ। ଅନୁରୂପ ଭାବେ ସୌମ୍ୟାଶ୍ରୀ ମୃତ୍ୟୁର ବିଚାର ବିଭାଗୀୟ ତଦନ୍ତ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଏସ୍ଏଫ୍ଆଇ ଓ ଡିୱାଇଏଫ୍ଆଇ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସ୍ଥାନୀୟ ଖଲ୍ଲିକୋଟ କଲେଜ ସମ୍ମୁଖରେ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଏସ୍ଏଫ୍ଆଇର ପୂର୍ବତନ ରାଜ୍ୟ ସଭାପତି ଅଳିକିଶୋର ପଟ୍ଟନାୟକ ଓ ଡିୱାଇଏଫ୍ଆଇର ପୂର୍ବତନ ରାଜ୍ୟ ସଭାପତି ଯୁଧିଷ୍ଠିର ବେହେରା ଯୋଗଦେଇ ରାଜ୍ୟରେ ବିଜେପି ସରକାର ମହିଳା ଓ ଛାତ୍ରୀଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛି, ଯାହାର ଫଳ ସ୍ୱରୁପ ରାଜ୍ୟରେ ଦିନକୁ ଦିନ ଦୁଷ୍କର୍ମ ଓ ଗଣଦୁଷ୍କର୍ମ ବଢି ଚାଲିଥିବା ବେଳେ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଏହାର ଏକ ଜ୍ୱଳନ୍ତ ଉଦାହରଣ ବୋଲି କହିଛନ୍ତି। ଏଣୁ ଏହି ଘଟଣାରେ ବିଚାର ବିଭାଗୀୟ ତଦନ୍ତ ସହିତ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ତୁରନ୍ତ ଇସ୍ତଫା ଓ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏହି ଅବସରରେ ଆସନ୍ତା ୧୭ରେ ବାମପନ୍ଥୀ ଦଳମାନଙ୍କ ପକ୍ଷରୁ ଡାକରା ଦିଆଯାଇଥିବା ଓଡିଶା ବନ୍ଦକୁ ସଫଳ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାମଚନ୍ଦ୍ର ନାୟକ, ଅଭୟ ଗୌଡ, ବିଷ୍ଣୁପ୍ରିୟା ସାହୁ, ଚନ୍ଦ୍ରଶେଖର ନାୟକ, ଶିବ ପ୍ରସାଦ ମହାପାତ୍ର ଓ ପ୍ରତାପ ଚୌଧୁରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଆଜିଠାରୁ ୬୪ତମ 'ସାହାଣୀ କପ୍' ଫୁଟବଲ୍ ଚାମ୍ପିଅନସିପ୍

ବ୍ରହ୍ମପୁର,୧୫।୭(ସମିସ)

**● ବ୍ରହ୍ମପୁର ଜୋନ୍‌ର ଉଦ୍‌ଘାଟନୀ ମ୍ୟାଚ ଖେଳିବେ ଭୁବନେଶ୍ୱର-ନବରଙ୍ଗପୁର**
**● ପ୍ରଥମ ଥର ପାଇଁ ବ୍ରହ୍ମପୁରରେ ଆୟୋଜିତ ହେଉଛି 'ସାହାଣୀ କପ୍' ଫୁଟବଲ୍**

ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂଘ ଅନୁବନ୍ଧିତ ଗଞ୍ଜାମ ଫୁଟବଲ୍ ସଂଘ ପକ୍ଷରୁ ବ୍ରହ୍ମପୁରରେ ପ୍ରଥମ ଥର ପାଇଁ ପୁରୁଷ ବରିଷ୍ଠ ବର୍ଗର ସମ୍ମାନ ଜନକ 'ସାହାଣୀ କପ୍' ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଉଛି। ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ହେବାକୁ ଥିବା ଏହି ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟ ରାଜ୍ୟ ଫୁଟବଲ ସଂଘ ଓ ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଛି। ବୁଧବାର ୧୬ତାରିଖ ଅପରାହ୍ନରେ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ ହେବାକୁ ଥିବା ବେଳେ ପ୍ରତ୍ୟେକ ଦିନ ଦୁଇଟି ଲେଖାଏଁ ମ୍ୟାଚ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଦିବସରେ ବୁଧବାର ନବରଙ୍ଗପୁର ବନାମ ଭୁବନେଶ୍ୱର ମଧ୍ୟରେ ପ୍ରଥମ ଓ ଆୟୋଜକ ଗଞ୍ଜାମ ଏବଂ ଗଜପତି ମଧ୍ୟରେ ଦ୍ୱିତୀୟ ମ୍ୟାଚ ଖେଳାଯିବ। ସମଗ୍ର ରାଜ୍ୟରେ ୪ଟି ଜୋନରେ ଟୁର୍ଣ୍ଣାମେଣ୍ଟ ଖେଳାଯିବାକୁ ଥିବା ବେଳେ ବ୍ରହ୍ମପୁର ଜୋନରେ ନବରଙ୍ଗପୁର, ଭୁବନେଶ୍ୱର, ଗଜପତି, ଗଞ୍ଜାମ, ମାଲକାନଗିରି, ମୟୁରଭଞ୍ଜ, ରାୟଗଡା ଓ କୋରାପୁଟ ଭଳି ୮ଟି ଦଳ ସାମିଲ ହୋଇଛନ୍ତି। ଏହି ଖେଳର ସୁପରିଚାଳନା ନିମନ୍ତେ ପୂର୍ବତନ ସନ୍ତୋଷ ଟ୍ରଫି ଖେଳାଳୀ ମନୋରଞ୍ଜନ ସାମଲ ଓ ଭାରତୀୟ ଫୁଟବଲ ଦଳର ପୂର୍ବତନ ଗୋଲରକ୍ଷକ ଗୋପବନ୍ଧୁ ସାହୁଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ମ୍ୟାଚ କମିଶନର ଭାବେ ବରିଷ୍ଠ ଫୁଟବଲ ଖେଳାଳୀ ତଥା ଜାତୀୟ ରେଫେରୀ ସୁଜିତ ପାତ୍ରଙ୍କୁ ନିଯୁକ୍ତି ଦିଆଯାଇଛି।

ଉଦ୍‌ଘାଟନୀ ଉତ୍ସବରେ ବ୍ରହ୍ମପୁର ଏସ୍‌ପି ଡାକ୍ତର ସର୍ବଣା ବିବେକ ଏମ୍ ମୁଖ୍ୟ ଅତିଥି ଭାବେ ଏବଂ ସମ୍ମାନୀତ ଅତିଥି ଭାବେ ରାଜ୍ୟ ଫୁଟବଲ ସଂଘର ସଭାପତି ଅନୀଲ ମହାନ୍ତି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ବ୍ରହ୍ମପୁର ଜୋନରେ ୨୧ତାରିଖ ପର୍ଯ୍ୟନ୍ତ ଲିଗ ମ୍ୟାଚ ଅନୁଷ୍ଠିତ ହେବାକୁ ଥିବା ବେଳେ ୨୩ତାରିଖରେ ଜୋନ କ୍ୱାଲିଫାଇ ମ୍ୟାଚ ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ଅପରାହ୍ନ ସାଢେ ୧ଟା'ରେ ପ୍ରଥମ ଓ ସାଢେ ୩ଟା'ରେ ଦ୍ୱିତୀୟ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂଘର ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି। ବ୍ରହ୍ମପୁରରେ ବହୁ ବର୍ଷ ପୂର୍ବେ ଯଦିଓ ଫିଆଜ ମେମୋରିଆଲ ଓ ଫେଡେରେସନ କପ୍ ଭଳି ଜାତୀୟ ସ୍ତରର ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଛି ତେବେ ପ୍ରଥମ ଥର ପାଇଁ ସାହାଣୀ କପ୍ ଫୁଟବଲର ଆୟୋଜନ କରାଯାଉଛି। ଯାହାକୁ ନେଇ ସହରର କ୍ରୀଡ଼ାବିତ ଓ ଖାସ କରି ଫୁଟବଲ୍ ପ୍ରେମୀଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବାକୁ ମିଳିଛି।

# ରାସ୍ତା ଓ ନାଳ ନିର୍ମାଣ ନେଇ ଦାବିପତ୍ର

ବ୍ରହ୍ମପୁର,୧୪।୭(ସମିସ)



ସ୍ଥାନୀୟ ଦୁଇନମ୍ବର ୱାର୍ଡର ବିଭିନ୍ନ ସମସ୍ୟା ନେଇ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନା ପ୍ରକାରେ ଏଠାକାର ବିଭିନ୍ନ ଅଞ୍ଚଳର ରାସ୍ତା ଓ ନାଳ ସମସ୍ୟା ଜଟିଳ ରହିଛି। ବିଶେଷ କରି ବାଙ୍କେଶ୍ୱରୀ ନଗର ଏବଂ ଲକ୍ଷ୍ମୀ ନୃସିଂହ ସାହି ୧୧ ନଂ ଗଳିର ଅବସ୍ଥା ନ କହିବା ଭଲ। ବର୍ଷା ହେଲେ ଏଠି ଜଳବନ୍ଦୀ ସମସ୍ୟା ଉପୁଜୁଛି। କଦର୍ଯ୍ୟ ରାସ୍ତା ସାଙ୍ଗକୁ ବର୍ଷା ଜଳ ସଠିକ୍ ଭାବେ ନିଷ୍କାସନ ହୋଇପାରୁନଥିବାରୁ ନାଳ ପାଣି ଘରେ ପଶୁଛି। ସାମାନ୍ୟ ବର୍ଷାରେ ଉକ୍ତ ଅଂଚଳ ଜଳମୟ ହେଉଛି। ଏନେଇ ଆଜି ସ୍ଥାନୀୟ ଯୁବ ନେତା ଅନୁପ ପଣ୍ଡାଙ୍କ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳବାସୀ ମହାନଗର ନିଗମର ଦ୍ୱାରସ୍ଥ ହୋଇ ସମସ୍ୟା ସମ୍ପର୍କିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଖୋଦ କମିଶନର ଉକ୍ତ ଅଂଚଳ ପରିଦର୍ଶନ କରି ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଲୋକେ ଦାବି ଜଣାଇଛନ୍ତି। ପୂର୍ବରୁ ବହୁବାର ଅବଗତ ପରେ ବି କର୍ତ୍ତୃପକ୍ଷ ଧ୍ୟାନ ଦେଉନଥିବା ୱାର୍ଡବାସୀ ଅଭିଯୋଗ କରିଛନ୍ତି। କମିଶନରଙ୍କ ଅନୁପସ୍ଥିତିରେ ଡେପୁଟି କମିଶନର କଲ୍ୟାଣି ସଂଘମିତ୍ରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ବେଳେ ବିଜୟ କୁମାର ପଣ୍ଡା, ମମତା ପାଣିଗ୍ରାହୀ, ସୀମାଞ୍ଚଳ ସାହୁ, ମମତା ସେଠି, ଟୁନି ଦାସଙ୍କ ସମେତ ବହୁ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ଛୁରି ଭୁସି ଯୁବକକୁ ହତ୍ୟା ଉଦ୍ୟମ ଘଟଣା; ଜଣେ ଗିରଫ

ବ୍ରହ୍ମପୁର,୧୪।୭(ସମିସ): ଛୁରୀ ଭୁସି ଜଣଙ୍କୁ ଆକ୍ରମଣ କରିବା ଅଭିଯୋଗରେ ବଡ଼ବଜାର ପୁଲିସ ଜଣେ ଯୁବକକୁ ଗିରଫ କରିଛି। ସେ ହେଲେ ଉକ୍ତ ଥାନା ଅଞ୍ଚଳର ହରିକୃଷ୍ଣ ଗୌଡ଼। ଗତକାଲି ରାତିରେ ସ୍ଥାନୀୟ ହରିଡାଖଣ୍ଡି ଲକ୍ଷ୍ମୀବିହାର ୪ର୍ଥ ଲାଇନର ଶ୍ରୀଧର ସାହୁ(୧୮) ଓ ହରିକୃଷ୍ଣ ଗୌଡ଼ଙ୍କ ମଧ୍ୟରେ ବଚସା ହୋଇଥିଲା। ହରେକୃଷ୍ଣ ଛୁରିରେ ଶ୍ରୀଧରଙ୍କୁ ଆକ୍ରମଣ କରିବା ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଘଟଣାଟି ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତ ହରିକୃଷ୍ଣଙ୍କୁ ଗିରଫ କରିଥିଲା। ତଦନ୍ତ ବେଳେ ଶ୍ରୀଧର ଗତକାଲି ରାତିରେ ମଦ୍ୟପାନ କରି ଅଭିଯୁକ୍ତଙ୍କ ସହ ଝଗଡା କରିଥିଲା। ଶ୍ରୀଧରଙ୍କ ବଡଭାଇ ରକି ସାହୁ ଓ ଅଭିଯୁକ୍ତ ହରିକୃଷ୍ଣ ଶାନ୍ତିନଗରର ବିଜୟ ସାହୁଙ୍କର ଡ୍ରାଇଭର ଭାବେ କାମ କରନ୍ତି। ରକି ମାଲିକ ବିଜୟଙ୍କ ଗାଡିରୁ ପେଟ୍ରୋଲ ସମେତ ଅନ୍ୟାନ୍ୟ ଜିନିଷ ଚୋରି କରୁଥିବା ନେଇ ହରିକୃଷ୍ଣ ମାଲିକଙ୍କୁ ଜଣାଇଥିଲେ। ପରେ ମାଲିକ ରକିଙ୍କୁ କାମରୁ ବାହାର କରି ଦେଇଥିଲେ। ଫଳରେ ରକିଙ୍କ ସାନ ଭାଇ ଶ୍ରୀଧର ଅଧିକାଂଶ ସମୟ ଘଟଣାକୁ ନେଇ ହରିକୃଷ୍ଣଙ୍କ ସହିତ ଝଗଡା କରୁଥିଲେ। ସୋମବାର ରାତିରେ ଉକ୍ତ ଘଟଣାକୁ ନେଇ ଶ୍ରୀଧର ଓ ହରିକୃଷ୍ଣଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଶ୍ରୀଧର ହରିକୃଷ୍ଣଙ୍କୁ ମାରିବା ପାଇଁ ଶାନ୍ତିନଗର ଯାଇଥିଲେ। ହେଲେ ହରିକୃଷ୍ଣ ତାଙ୍କୁ ଛୁରିରେ ଆକ୍ରମଣ କରିଥିଲା।

## ସ୍ୱାମୀକୁ ଜେଲ୍ ପଠାଇବାକୁ ରଚିଥିଲେ ନାଟକ

**'ମହିଳାଙ୍କୁ ଗଣଦୁଷ୍କର୍ମ ଅଭିଯୋଗ ଏକ ନାଟକ ଥିଲା'**

ବ୍ରହ୍ମପୁର,୧୪।୭(ସମିସ): ନିମଖଣ୍ଡି ଥାନା ଅଞ୍ଚଳରେ ଜଣେ ବିବାହିତା ମହିଳାଙ୍କୁ ତାଙ୍କ ସ୍ୱାମୀ ଓ ଅନ୍ୟ ୨ଜଣ ମିଶି ଗଣଦୁଷ୍କର୍ମ କରିଥିବା ଅଭିଯୋଗ ଆଣିଥିଲେ। ପୁଲିସ ଅଭିଯୋଗକୁ ଗୁରୁତର ସହ ନେଇ ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରିଥିଲା। ତଦନ୍ତ ବେଳେ ତାହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଜଣାପଡ଼ିଥିଲା। ନିଜ ସ୍ୱାମୀଙ୍କ ସହ ବାରମ୍ବାର ଝଗଡା ପରେ ତାଙ୍କୁ ଜେଲ ପଠାଇବାକୁ ଯୋଜନା କରି ମହିଳା ଜଣଙ୍କ ଏହି ନାଟକ କରିଥିଲେ ବୋଲି ତଦନ୍ତରୁ ଜଣାପଡିଥିବା ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ କହିଛନ୍ତି। ଅଭିଯୋଗ ପରେ ମହିଳାଙ୍କ ଡାକ୍ତରୀ ମାଇନା କରାଯାଇଥିଲା ହେଲେ ସେଥିରୁ ବଳାତ୍କାରର କୌଣସି ସୁରାକ୍ ମିଳିଲା ନାହିଁ। ସେହିପରି ମହିଳା ଜଣଙ୍କ ଯେଉଁ ସମୟରେ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ କରିଛନ୍ତି ସେହି ସମୟରେ ଘରେ ତାଙ୍କ ସ୍ୱାମୀଙ୍କ ଛଡା ଅନ୍ୟ ବ୍ୟକ୍ତି ପ୍ରବେଶ କରିନଥିବା ସିସିଟିଭି ଫୁଟେଜରୁ ଜଣାପଡିଛି। ଘଟଣା ପରଦିନ ମହିଳା ଜଣଙ୍କ ନିଜ ଘର ଫାଟକ ନିକଟରେ ସ୍ୱାମୀଙ୍କ ସହ ସକାଳୁ ଓ ଅପରାହ୍ନରେ ପାଟିତୁଣ୍ଡ କରିଥିବା ସିସିଟିଭିରେ କଏଦ ହୋଇଛି। ସେହିପରି ମହିଳା ଜଣଙ୍କ ମାନସିକ ଭାବେ ଠିକ ନଥିବାରୁ ଔଷଧ ଖାଉଥିଲେ ବୋଲି ମଧ୍ୟ ପୁଲିସ ତଦନ୍ତରୁ ଜଣାପଡିଛି। ସେହିପରି ତାଙ୍କ ପତ୍ନୀ ପ୍ରତିଶୋଧ ନେବାକୁ ଏଭଳି ମିଥ୍ୟା ଅଭିଯୋଗ କରିଥିବା ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ପୁଲିସକୁ ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, ଗଞ୍ଜାମ ଥାନା ଅଞ୍ଚଳର ଏହି ବିବାହିତାଙ୍କୁ ନିଶା ଦେଇ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ଆଣିଥିଲେ। ତାଙ୍କ ସ୍ୱାମୀ ଓ ଅନ୍ୟ ୨ଜଣ ମିଶି ତାଙ୍କୁ ନିମଖଣ୍ଡି ଥାନା ଅଞ୍ଚଳରେ ଦୁଷ୍କର୍ମ କରିବା ପରେ ସୁନା ଅଳଙ୍କାର ନେଇ ଚାଲି ଯାଇଥିବା ପୁଲିସକୁ କହିଥିଲେ। ଏପରିକି ସେ ଗଞ୍ଜାମ ଅଞ୍ଚଳରେ ଅଚେତ ହୋଇ ପଡିବାରୁ ପୁଲିସ ନିଜ ଗାଡିରେ ବସାଇ ଏମକେସିଜି ମେଡିକାଲକୁ ଆଣି ଚିକିତ୍ସା କରାଇଥିଲା। ମହିଳାଙ୍କ ଅଭିଯୋଗପ୍ରକାରେ ନିମଖଣ୍ଡି ଥାନାରେ ଏକ ମାମଲା ରୁଜୁ ହେବା ସହ ଟାଉନ ଏସଡିପିଓ, ସଦର ଏସଡିପିଓ, ନିମଖଣ୍ଡି ଥାନା ଅଧିକାରୀ ଓ ୩ଜଣ ସବ ଇନ୍ସପେକ୍ଟରଙ୍କୁ ନେଇ ଏକ ପୁଲିସ ଟିମ ଗଠନ କରାଯାଇ ଛାନଭିନ କରାଯାଇଥିଲା ବୋଲି ଏସପି ସୂଚନା ଦେଇଛନ୍ତି।

**ଏମ୍‌କେସିଜି ମେଡିକାଲ**

# ୨ ବର୍ଷ ବ୍ୟବଧାନରେ ବସିଲା 'ସ୍ୱାସ୍ଥ୍ୟ ବିକାଶ ସମିତି' ବୈଠକ

ବ୍ରହ୍ମପୁର,୧୫।୭(ସମିସ)



**■ ଆଇସିୟୁ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଜାଣିବାକୁ ପ୍ରତିଷ୍ଠା ହେବ 'ହେଲ୍ପ ଡେସ୍କ'**
**■ ବିପଦସଂକୁଳ ପୁରୁଣା ଇନ୍‌ଡୋର କୋଠା ଭାଙ୍ଗିବା ନେଇ ପୁଣି ଆଲୋଚନା**
**■ ବୈଠକର ଅଧିକାଂଶ ନିଷ୍ପତ୍ତି କାର୍ଯ୍ୟକାରୀ ହେଉନଥିବାରୁ ଉଦ୍‌ବେଗ**

ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆରଡ଼ିସି)ଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ସଦ୍‌ଭାବନା ଗୃହରେ ମଙ୍ଗଳବାର ଏମକେସିଜି ମେଡିକାଲ ଓ ହସ୍ପିଟାଲର ସ୍ୱାସ୍ଥ୍ୟ ବିକାଶ ସମିତି(ଏସବିଏସ) ବୈଠକ ଅନୁଷ୍ଠିତ ହୋଇଯାଇଛି। ଆରଡ଼ିସି ରୂପା ରୋଷନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ ପାଣିଗ୍ରାହୀ, ମେୟର ସଂଘମିତ୍ରା ଦଳେଇ, ବିଧାୟକ କେ. ଅନିଲ କୁମାର, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ବିଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜସିକେ, ବ୍ରହ୍ମପୁର ଏସ୍‌ପି ଡ଼ା. ସର୍ବଣା ବିବେକ ଏମ, ଏମକେସିଜି ମେଡ଼ିକାଲ ଓ ହସ୍ପିଟାଲ ଅଧ୍ୟକ୍ଷ ତଥା ଡ଼ିନ୍ ପ୍ରଫେସର ଡ଼ା. ସୁଚିତ୍ରା ଦାଶ, ଅଧୀକ୍ଷକ ପ୍ରଫେସର ଡ଼ା. ଦୁର୍ଗା ମାଧବ ଶତପଥୀ, ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡା, ଗଞ୍ଜାମ ଆରଟିଓ ମାନସ ରଞ୍ଜନ ସାହୁ, ପୂର୍ତ୍ତବିଭାଗ ଅଧୀକ୍ଷଣ ଯନ୍ତ୍ରୀ(ପୂର୍ତ୍ତ ବିଭାଗ-୧) ଇଂ. ସୋମନାଥ ତ୍ରିପାଠୀ, ବିଦ୍ୟୁତ ବିଭାଗ ସମେତ ବିଭିନ୍ନ ବିଭାଗର ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏମ୍‌କେସିଜି ମେଡିକାଲ ଓ ହସ୍ପିଟାଲର ରୋଗୀ ଓ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଓ ତାହାର ସ୍ଥାୟୀ ପ୍ରତିକାର ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ଡାକ୍ତରଖାନା ପରିସରରେ ଥିବା ଆଇସିୟୁରେ ଚିକିତ୍ସିତ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ଜାଣିବା ସମ୍ପର୍କୀୟଙ୍କ ପକ୍ଷେ କଷ୍ଟକର ହେଉଥିବା ବେଳେ ଏଥିପାଇଁ ଏକ ସ୍ୱତନ୍ତ୍ର 'ହେଲ୍ପ ଡେସ୍କ' ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନିଆଯାଇଛି। ଯାହା ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ। ସେହିଭଳି ରକ୍ତଭଣ୍ଡାରରେ ରକ୍ତ ଷ୍ଟକ ସମ୍ପର୍କିତ ତଥ୍ୟ ଓ ସୂଚନା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଡିଜିଟାଲ ଡିସପ୍ଲେ ବୋର୍ଡ ସ୍ଥାପନ କରାଯିବ। ରକ୍ତ ଭଣ୍ଡାରରେ ଆବଶ୍ୟକତା ଠାରୁ କମ୍ ସଂଖ୍ୟକ କର୍ମଚାରୀ ଥିବାରୁ ସମସ୍ୟା ସୃଷ୍ଟି ହେଉଛି। ଏଣୁ କର୍ମଚାରୀ ନିଯୁକ୍ତି ନେଇ ଆଲୋଚନା ହୋଇଥିଲା। ପଦ ମଞ୍ଜୁରୀ ହେବା ପର୍ଯ୍ୟନ୍ତ ରେଡକ୍ରସ ପାଣ୍ଠିରୁ ୫ଜଣ ଲାବ ଟେକ୍ନିସିଆନଙ୍କ ସମେତ କିଛି ଡ଼ାଟାଏଣ୍ଟ୍ରି ଅପରେଟରଙ୍କୁ ଆଉଟସୋର୍ସିଂ ଭାବେ ନିଯୁକ୍ତି ଦେବାକୁ ନିଷ୍ପତି ହୋଇଛି। ବିଭିନ୍ନ ସମୟରେ ମେଡ଼ିକାଲ କ୍ୟାମ୍ପସରେ ଓ ବିଭିନ୍ନ ବିଭାଗରେ ଲାଗିଥିବା ସିସିଟିଭ ଅଚଳ ହେବା, କ୍ୟାମ୍ପସର ଡ୍ରେନ ସଫେଇ, କ୍ୟାମ୍ପସର ବିଭିନ୍ନ ପାଚେରୀ ଭାଙ୍ଗି ହେଉଥିବା ଅନଧିକାର ଅନୁପ୍ରବେଶକୁ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ସହିତ ସିଦ୍ଧାର୍ଥନଗର ଠାରୁ ମେଡ଼ିକାଲକୁ ସଂଯୋଗ ରାସ୍ତାକୁ ବନ୍ଦ କରିବା ଆଦି ବିଷୟ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଗତ ୨୦୨୩ ଜୁଲାଇ ୧୭ରେ ଅନୁଷ୍ଠିତ ଏସ୍‌ବିଏସ ବୈଠକରେ ନିଆଯାଇଥିବା ଅନେକ ନିଷ୍ପତ୍ତି ଦୀର୍ଘ ଦୁଇବର୍ଷ ପରେ ମଧ୍ୟ କାର୍ଯ୍ୟକାରୀ ହୋଇପାରି ନଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ପୂର୍ବ ନିଷ୍ପତ୍ତି ପ୍ରକାରେ କ୍ୟାମ୍ପସରୁ ବେନିୟମ ଭାବେ ରହିଥିବା ବ୍ୟବସାୟୀଙ୍କୁ ମଧ୍ୟ ହଟାଇବାରେ ମେଡ଼ିକାଲ କର୍ତ୍ତୃପକ୍ଷ ବିଫଳ ହୋଇଥିବା ଜଣାପଡିଛି। ଡାକ୍ତରଖାନାର ପୁରୁଣା ତଥା ବିପଦସଂକୁଳ ଇନ୍‌ଡୋର କୋଠାକୁ ଭାଙ୍ଗିବାକୁ ନିଷ୍ପତ୍ତି ହୋଇଥିଲେ ହେଁ ତାହାକୁ ଭଙ୍ଗା ଯାଇପାରିନାହିଁ। ୨୪ଘଣ୍ଟା ରୋଗୀଙ୍କୁ ଅଲଟ୍ରାସାଉଣ୍ଡ ସେବା ଯୋଗାଇବାକୁ ନିଷ୍ପତି ହୋଇଥିବା ବେଳେ ତାହା ସମ୍ଭବପର ହେଉନାହିଁ। ବୈଠକରେ ମୁଖ୍ୟତଃ ଡାକ୍ତର, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷା ସମ୍ପର୍କିତ ଆଲୋଚନା କରାଯାଇ ମେଡିକାଲ କର୍ତ୍ତୃପକ୍ଷ ଏକକ ମେଡିକାଲ କ୍ୟାମ୍ପସ ବା ସ୍ୱତନ୍ତ୍ର କ୍ୟାମ୍ପସ ପ୍ରତିଷ୍ଠା ଉପରେ ଜୋର ଦେଇଥିଲେ। ବୈଠକରେ ସ୍ୱାସ୍ଥ୍ୟ ବିକାଶ ସମିତିର ବାର୍ଷିକ ଆୟ ବ୍ୟୟ ସମ୍ପର୍କିତ ଆଲୋଚନା କରାଯାଇ ଗୃହିତ ହୋଇଥିବା ଜଣାପଡିଛି।

**ଏମ୍‌କେସିଜିରୁ ଡ଼ାକ୍ତର ଘରୋଇ ହସ୍ପିଟାଲକୁ ରୋଗୀ ଚାଲାଣ ଘଟଣା**

## ତଦନ୍ତ ପାଇଁ କମିଟି ଗଠନ କରିବେ ମେଡିକାଲ ଅଧୀକ୍ଷକ

ବ୍ରହ୍ମପୁର,୧୫।୭(ସମିସ)

ଏମକେସିଜି ମେଡିକାଲ ଆଶୁ ଚିକିତ୍ସା ବିଭାଗରୁ ଘରୋଇ ହସ୍ପିଟାଲକୁ ଡ଼ାକ୍ତର ରୋଗୀ ଚାଲାଣ ଘଟଣାର ତଦନ୍ତ ନିମନ୍ତେ ଏକ କମିଟି ଗଠନ କରାଯିବ। କାହିଁକି ଓ କେଉଁ ପରିସ୍ଥିତିରେ ରୋଗୀଙ୍କୁ ମେଡ଼ିକାଲରୁ ଘରୋଇ ହସ୍ପିଟାଲକୁ ଚାଲାଣ କରାଯାଇଛି ସେ ସମ୍ପର୍କରେ ଉକ୍ତ କମିଟି ତଦନ୍ତ କରିବ ବୋଲି ଏମକେସିଜି ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ଡ଼ା. ଦୁର୍ଗାମାଧବ ଶତପଥୀ କହିଛନ୍ତି। ମେଡ଼ିକାଲ ଅସ୍ଥିଶଲ୍ୟ ବିଭାର ଆସିଷ୍ଟାଣ୍ଟ ପ୍ରଫେସର ଡ଼ା. ଦୀଲ୍ଲିପ ପ୍ରାଧାନଙ୍କ ସମ୍ପୃକ୍ତି ରହିଥିବା ଅଭିଯୋଗ ହୋଇଥିବା ବେଳେ ଉକ୍ତ ଡ଼ାକ୍ତର ଜଣଙ୍କ ରୋଗୀଙ୍କୁ ଚାଲାଣ କରିଛନ୍ତି ନା ନାହିଁ ସେନେଇ କମିଟି ତଦନ୍ତ କରିବ ବୋଲି ଡ଼ାକ୍ତର ଶତପଥୀ କହିଛନ୍ତି।

ସୂଚନାଯୋଗ୍ୟ ଯେ, ଗତ ୧୦ତାରିଖରେ ରଙ୍ଗେଇଲୁଣ୍ଡା ବ୍ଲକ ବାଘଲଟି ଗ୍ରାମର ବଳରାମ ଗୌଡ(୨୫) ଦୁର୍ଘଟଣାର ଶିକାର ହୋଇ ଏମ୍‌କେସିଜି ମେଡିକାଲ କାଜୁଆଲିଟିରେ ଭର୍ତ୍ତି ହୋଇଥିଲେ। ମେଡ଼ିକାଲର ଅସ୍ଥିଶଲ୍ୟ ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ଡା. ଦିଲ୍ଲୀପ ପ୍ରଧାନ ବଡ଼ ମେଡିକାଲରେ ଚିକିତ୍ସା ବିଳମ୍ବ ହେବ ବୋଲି ରୋଗୀଙ୍କ ସମ୍ପର୍କୀୟଙ୍କୁ କହିଥିବା ସହ ସେ ଚିକିତ୍ସା କରୁଥିବା ଘରୋଇ ହସ୍ପିଟାଲକୁ ରୋଗୀଙ୍କୁ ନେବା କରିଥିଲେ।

ଡ଼ାକ୍ତର କଥା ଶୁଣି ବଳରାମଙ୍କ ପରିବାର ପକ୍ଷରୁ ଗୋଇଲୁଣ୍ଡି ସ୍ଥିତ ବିନାୟକ ହସ୍ପିଟାଲ ଚିକିତ୍ସା ନିମନ୍ତେ ନେଇଥିଲେ। ସେଠାରେ ବଳରାମ ଅସ୍ତ୍ରୋପଚାର ବେଳେ ତାଙ୍କର ମୃତ୍ୟୁ ହୋଇଥିବା ମୃତ ରୋଗୀର ଭାଇ ଜଗନ୍ନାଥ ଗୌଡ ଅଭିଯୋଗ କରିଥିଲେ।

